BUSINESS

୯ ଫେବୃଆରୀ, ୨୦୧୦, ଭୁବନେଶ୍ୱର

ସମ୍ବାଦ



# ଆଇବିସିଏସରେ କର୍ମଶାଳା ଉଦଘାଟିତ

ଭୁବନେଶ୍ୱର (ସ.ବ୍ୟୁ.) : ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବି-ସ୍କୁଲ ଇନଷ୍ଟିଚ୍ୟୁଟ ଅଫ୍ ବିଜନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ ପରିସରରେ ''ଉଚ୍ଚ ଶିକ୍ଷାରେ ଶିକ୍ଷକମାନଙ୍କ ଭୂମିକା'' ଶୀର୍ଷକ କର୍ମଶାଳା ଉଦଘାଟିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ସଚିବ ତଥା ମୁଖ୍ୟଅତିଥି ମଧୁସୂଦନ ପାଢ଼ୀ ଏହାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ବର୍ତ୍ତମାନ ସମୟକୁ ଉଚ୍ଚଶିକ୍ଷା ପାଇଁ ଏକ ଭଲ ତଥା ଖରାପ ସମୟ ଭାବରେ ପରିଗଣିତ କରାଯିବା ଉଚିତ ବୋଲି ମୁଖ୍ୟଅତିଥି ଶ୍ରୀ ପାଢ଼ୀ ତାଙ୍କର ବକ୍ତବ୍ୟରେ କହିଥିଲେ । ଅନେକ ପ୍ରତିଦ୍ୱନ୍ଦ୍ୱିତାକୁ ସମ୍ମୁଖୀନ ହେବାକୁ ଥିବାରୁ ସେ ଏହାକୁ ଏକ ଭଲ ସମୟ ବୋଲି କହିଥିଲେ । ଉଚ୍ଚଶିକ୍ଷାରେ ଗବେଷଣା ଭିତ୍ତିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱ ରହିଛି ଏବଂ ଏହାକୁ ପୂରଣ କରିବା ପାଇଁ ଅନେକ ଶିକ୍ଷକଙ୍କର ଆବଶ୍ୟକ ଥିବାବେଳେ ଆମ ପାଖରେ ଆବଶ୍ୟକ ମୁତାବକ ଭଲ ଶିକ୍ଷକ ନାହାନ୍ତି ବୋଲି ସେ ସୂଚେଇ ଦେଇଥିଲେ । ସମ୍ମାନିତ ଅତିଥି ତଥା ସ୍ୱତନ୍ତ୍ର ରିଲିଫ କମିଶନର ନିକୁଞ୍ଜ କିଶୋର ସୁନ୍ଦରାୟ ଶିକ୍ଷକମାନଙ୍କର ଚୟନ ତଥା ମୂଲ୍ୟାଙ୍କନ ପ୍ରକ୍ରିୟା ଉପରେ ଗୁରୁତ୍ୱ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ତଥା ଉଚ୍ଚଶିକ୍ଷା ଟାସ୍କଫୋର୍ସର ଅଧ୍ୟକ୍ଷ ପଦ୍ମଭୂଷଣ ପ୍ରଫେସର ତ୍ରିଲୋଚନ ପ୍ରଧାନ ଆମର ଶିକ୍ଷାକୁ ଏକ ଜଟିଳ ପ୍ରଥା ଭାବରେ ବିବେଚନା କରିଥିଲେ । ପ୍ରତ୍ୟେକ ଶିକ୍ଷକ ଜଣେ ଆଦର୍ଶ ପୁରୁଷ ହେବା ସହିତ ସମାଜସେବା କରିବା ପାଇଁ ନିଜ ଭିତରେ ଏକ ଚିନ୍ତାଧାରା ସୃଷ୍ଟି କରିବା ଉଚିତ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ତଥା ଓୟୁଏଟିର କୁଳପତି ପ୍ରଫେସର ବି. ପି. ରାଏ ନିଜର ଅଭିଭାଷଣରେ ପରିବେଶରେ ହେଉଥିବା ପରିବର୍ତ୍ତନ ସହିତ ଶିକ୍ଷକମାନେ କିପରି ତାହା ସହିତ ଖାପଖୁଆଇ ଚାଲିବେ ସେ ଦିଗ ପ୍ରତି ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ । ସବୁବେଳେ କିଛି ନୂଆ ଜିନିଷ ଉଦ୍ଭାବନ କରିବା ପାଇଁ ସେମାନେ ସ୍ୱପ୍ନ ଦେଖିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ପରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ତଥା ରାଜ୍ୟର ପ୍ରମୁଖ ଅନୁଷ୍ଠାନମାନଙ୍କରୁ ଆସିଥିବା ନିମନ୍ତ୍ରିତ ବକ୍ତାମାନେ ସେମାନଙ୍କର ଅଭିଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ଡିନ୍ ପ୍ରଫେସର ଶୁଭାଶିଷ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଶହେରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା ଏବଂ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ । ସମସ୍ତ ଅତିଥିଙ୍କୁ ଫଳକ ଏବଂ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ସାଂଗଠନିକ ସଂପାଦକ ଡ଼ଃ କଲ୍ୟାଣ କୁମାର ସାହୁ ସଭା ପରିଚାଳନା କରିଥିଲେ । ଏହି କର୍ମଶାଳାର ସଫଳତା ପାଇଁ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମନୋରଂଜନ ନାୟକ ଅନୁଷ୍ଠାନର ସମସ୍ତ କର୍ମଚାରୀ, ଅଧ୍ୟାପକ ଅଧ୍ୟାପିକା ତଥା ଛାତ୍ରଛାତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।